# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15th July – 2026

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ମହାପ୍ରଭୁଙ୍କ ଘୋଷଯାତ୍ରା ।

— ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିବେ ଚତୁର୍ଦ୍ଧାମୂର୍ତ୍ତି ।

- ପାରାଦ୍ୱୀପ-ହରିଦାସପୁର ରେଳଲାଇନ ଦୋହରୀକରଣ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

- ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଡିଜିଟାଲ୍ ହୁଣ୍ଡି ସମର୍ପଣ ପୋର୍ଟାଲ୍ ଓ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆରମ୍ଭ ହେଲା ପଞ୍ଜୀକରଣ ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ।

— ପୁରୀ ଓ ଜଗତ୍‌ସିଂହପୁର ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ।

# ରଥଯାତ୍ରା

ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଆସନ୍ତାକାଲି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବ । ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥ ଓ ପଥ ପ୍ରସ୍ତୁତ ହୋଇସାରିଛି । ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବା ସହ ଆଡ଼ପ ମଣ୍ଡପକୁ ରଥଯାତ୍ରାରେ ବାହାରିବେ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଆଜିଠାରୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି । ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ଆଜି  ଶ୍ରୀଜିଉଙ୍କ ଉଭାଯାତ୍ରା ଅନୁଷ୍ଠିତ ହେଉଛି । ଘଣ୍ଟ, ଛତା, ବିଜେକାହାଳୀ ସହ ପଟୁଆରରେ ତିନି ପୂଜା ପଣ୍ଡା ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ବିଜେ କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ତିନିରଥ ପହଞ୍ଚିଛନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ଓ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀମନ୍ଦିର ସମ୍ମୁଖକୁ ଟଣା ହୋଇଥିଲା । ଆସନ୍ତାକାଲି ଶ୍ରୀଜିଉଙ୍କ ପହଣ୍ଡିଠାରୁ ଆରମ୍ଭ କରି ରଥଟଣା ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟ ଅନୁସାରେ ସମ୍ପନ୍ନ କରାଯିବ । ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି :

***Voice*** :.......

ରାଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ତାଲିକା ଚୂଡ଼ାନ୍ତ କରାଯାଇଛି। ସକାଳ ୯ଟାରେ ରଥପ୍ରତିଷ୍ଠା, ସାଢ଼େ୯ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପହଣ୍ଡି, ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ।

ବିଶ୍ୱ କଲ୍ୟାଣ ପାଇଁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ’ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା’ ଶ୍ରୀ ସୁଦର୍ଶନଙ୍କୁ ସାଥିରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବାର ପରମ୍ପରା ଓ ରୀତିନୀତିରେ ମାନବୀୟ ଲୀଳାର ପ୍ରତିଫଳନ ଦେଖିବାକୁ ମିଳିଥାଏ।

***Desk***

# ଶ୍ରୀମନ୍ଦିର ଡିଜିଟାଲ୍ ହୁଣ୍ଡି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରୀଜଗନ୍ନାଥ ମନ୍ଦିର ଡିଜିଟାଲ୍ ହୁଣ୍ଡି ସମର୍ପଣ ୱେବ୍ ପୋର୍ଟାଲ୍ ଏବଂ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି । ପୁରୀ ଶ୍ରୀଜଗନ୍ନାଥ ପ୍ରଶାସନ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଅତ୍ୟାଧୁନିକ, ସହଜ, ସ୍ୱଚ୍ଛ ଓ ସମୟୋପଯୋଗୀ ବ୍ୟବସ୍ଥା ।

# କେନ୍ଦ୍ର କ୍ୟାବିନେଟ୍

ଭାରତୀୟ ରେଳବାଇର ନେଟ୍‌ୱାର୍କକୁ ଆହୁରି ୧୪୫ କିଲୋମିଟର ସମ୍ପ୍ରସାରିତ କରିବା ଲକ୍ଷ୍ୟରେ କେନ୍ଦ୍ର କ୍ୟାବିନେଟ୍ ଆଜି ଓଡ଼ିଶା ଏବଂ ଝାଡ଼ଖଣ୍ଡର ୪ଟି ଜିଲ୍ଲାରେ ୨ଟି ମଲ୍‌ଟି ଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ମଧ୍ୟରେ ଓଡ଼ିଶାରେ ପାରାଦ୍ୱୀପ-ହରିଦାସପୁର ଦୋହରୀକରଣ ଏବଂ ଝାଡ଼ଖଣ୍ଡରେ ରାଜଖରସୁଆଁ-ଡାଙ୍ଗପୋଷି ଚତୁର୍ଥ ଲାଇନ୍ ରହିଛି । ପ୍ରାୟ ୩ ହଜାର ୯୦୭ କୋଟି ଟଙ୍କାର ବ୍ୟୟ ଅଟକଳ ସହ ଏହି ପ୍ରକଳ୍ପଗୁଡ଼ିକୁ ୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି ।

***Voice (Baishnav)*** :.........

କ୍ୟାବିନେଟ୍‌ର ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ଏହି ପଦକ୍ଷେପ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ । ଏହାଦ୍ୱାରା ରାଜ୍ୟରେ ଶିଳ୍ପ ଓ ଆର୍ଥିକ ଅଭିବୃଦ୍ଧି ହେବ ବୋଲି ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।

ଦେଶର ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ୧ ଲକ୍ଷ ୨୭ ହଜାର ୫ ଶହ କୋଟି ଟଙ୍କାର ବ୍ୟୟ ବରାଦ ସହିତ ସେମିକନ୍-୨.୦କୁ ମଧ୍ୟ ଆଜି କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ସେମିକନ୍-୧.୦ର ସଫଳତାକୁ ଆଗକୁ ବଢ଼ାଇବା ସହିତ

ବିଶ୍ୱ ସେମିକଣ୍ଡକ୍ଟର ମାନଚିତ୍ରରେ ଭାରତକୁ ସ୍ଥାପିତ କରିବା ଏହି ଯୋଜନାର ଲକ୍ଷ୍ୟ ।

***Puri/R***

## ବୌଦ୍ଧ ସଂସ୍କୃତି

ରାଜ୍ୟର ସମୃଦ୍ଧ ବୌଦ୍ଧ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆଜି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିରାଙ୍ଗସ୍ଥିତ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏହି ବୁଝାମଣ ପତ୍ର ସ୍ୱାକ୍ଷରିତ ହେବାଦ୍ୱାରା ବିଶ୍ୱର ପର୍ଯ୍ୟଟକଙ୍କପାଇଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବା ସହ ଚିରନ୍ତନ ସଂସ୍କୃତିର ସଂରକ୍ଷଣପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ବୌଦ୍ଧ ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଆନ୍ତର୍ଜାତିକ ଗନ୍ତବ୍ୟ ସ୍ଥଳ ଭାବେ ଗଢ଼ିତୋଳିବାରେ ଏହି ଭାଗିଦାରୀ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି ।

*Desk*

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୬-୨୭ରେ ସାମିଲ୍ ହେବାପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଯୋଗ୍ୟ ବରିଷ୍ଠ ନାଗରିକମାନେ yatra.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ କିମ୍ବା ଅଫ୍‌ଲାଇନ୍ ମୋଡ୍‌ରେ ଆବେଦନ ପତ୍ର ଦାଖଲ କରିପାରିବେ । ଏହି ଯୋଜନାରେ ରାଜ୍ୟର ସମସ୍ତ ଜିଲ୍ଲାର ଯୋଗ୍ୟ ବରିଷ୍ଠ ନାଗରିକମାନେ ବାରାଣସୀ-ଅଯୋଧ୍ୟା, ରାମେଶ୍ୱରମ୍-ମଦୁରାଇ, ହରିଦ୍ୱାର-ଋଷିକେଶକୁ ବିଭିନ୍ନ ପର୍ଯ୍ୟାୟରେ ଯାତ୍ରା କରିପାରିବେ । ଏହି ଯୋଜନାରେ ଆସନ୍ତା ସେପ୍ଟେମ୍ବର ମାସ ୨ ତାରିଖରୁ ତୀର୍ଥଯାତ୍ରା ଆରମ୍ଭ ହେବ । ଏ ସମ୍ପର୍କିତ ଏକ ମାର୍ଗଦର୍ଶିକା ଗତକାଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉନ୍ମୋଚିତ କରିଛନ୍ତି ।

*Desk*

## ବିଧାନସଭା ପରିଦର୍ଶନ

ଭାରତୀୟ ଶିଳ୍ପ ମହାସଂଘ - ସି.ଆଇ.ଆଇ., ଭୁବନେଶ୍ୱର ଶାଖା ପକ୍ଷରୁ ଯୁବ ଭାରତୀୟ ସଂସଦ କାର୍ଯ୍ୟକ୍ରମ ଅଧୀନରେ ୮ଟି ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ଦୁଇଶହ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ବିଧାନସଭା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କୁ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାର ଗୌରବମୟ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ ।

*Kandhamal/R*

## ସାଂସଦ - ବିଦ୍ୟାଳୟ ସମୀକ୍ଷା

ନୟାଗଡ଼ ଜିଲ୍ଲା କୁଜାମେଣ୍ଡିସ୍ଥିତ ସୁନାପ୍ରତିମା ଉଚ୍ଚ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ୍‌କୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ବୁଲି ଦେଖିବା ସହ ବିଦ୍ୟାଳୟର ମୌଳିକ ସୁବିଧା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜନଜାତି ଛାତ୍ରଛାତ୍ରୀଙ୍କ ଉନ୍ନତ ଶିକ୍ଷାପାଇଁ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ସମସ୍ତ ସୁବିଧା ସୁନିଶ୍ଚିତ କରିବା ଲାଗି ପ୍ରଶାସନ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

*Malkangiri/R*

## ପୋଷଣ ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ପ୍ରମୋଦ ସାହୁ ପୋଷଣ ସେବା ଓ ଛତୁଆ ଉତ୍ପାଦନ କେନ୍ଦ୍ରର କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି । ତିନିଦିନିଆ ଗସ୍ତର ଶେଷ ଦିନରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ସି.ଡି.ପି.ଓ., ମହିଳା ପର୍ଯ୍ୟବେକ୍ଷକ ଓ ବ୍ଲକ୍ ପୋଷଣ ସଂଯୋଜକମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା ।

*Nuapada/R*

## କୃଷି ଯନ୍ତ୍ରପାତି

ନୂଆପଡ଼ା ଜିଲ୍ଲାକୁ ଏକ ପାଇଲଟ ପ୍ରକଳ୍ପ ଭାବେ ଗ୍ରହଣ କରି କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାରଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଜିଲ୍ଲାରେ କୃଷି ଯନ୍ତ୍ରପାତିର ବ୍ୟବହାର ନେଇ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାର, କୃଷି ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍‌ର ମିଳିତ ଉଦ୍ୟମରେ ରାଜ୍ୟର ୫ଟି ଜିଲ୍ଲାରେ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ।

*Nabarangpur/R*

## ଷ୍ଟାର୍ଟଅପ୍ ପ୍ରତିଯୋଗିତା

ନବରଙ୍ଗପୁର ମହିଳା ସ୍ନାତକ ମହିଳା ମହାବିଦ୍ୟାଳୟରେ ଇନୋଭେସନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଅଭିନବ ଚିନ୍ତାଧାରା, ବ୍ୟାବସାୟିକ ସମ୍ଭାବନା ଓ ନୂତନ ଉଦ୍ଭାବନକୁ ବ୍ୟାବହାରିକ ରୂପ ଦେବା ନେଇ ସଚେତନ କରାଯାଇଥିଲା ।

*Sonepur/R*

## ଜନଗଣନା ପୁସ୍ତିକା

ଜନଗଣନା-୨୦୨୭ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନଗଣନା ପୁସ୍ତିକା ପ୍ରସ୍ତୁତି ଲାଗି ଦୁଇଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୨୦ ଜଣ ଅଂଶଗ୍ରହଣ କରିଥିଲେ ।

*Rayagada/R*

## ମେରା ଯୁବା ଭାରତ

'ମେରା ଯୁବା ଭାରତ' ରାୟଗଡ଼ା ପକ୍ଷରୁ ଆଜି ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ 'ମେରା ଯୁବା ଭାରତ'ର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଜିଲ୍ଲାସ୍ତରରେ କ୍ରୀଡ଼ା, ସାଂସ୍କୃତିକ ତଥା ବିଭିନ୍ନ ଦକ୍ଷତା ଆଧାରିତ ପ୍ରତିଯୋଗିତା ଆୟୋଜନ କରି ପ୍ରତିଭାବାନ୍ ଯୁବକ ଯୁବତୀଙ୍କୁ ଚିହ୍ନଟ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା ।

*Nayagarh/R*

## ରଥପାଇଁ ଗଛଟିଏ

ନୟାଗଡ଼ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ 'ରଥ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଥ ନିର୍ମାଣପାଇଁ ବ୍ୟବହୃତ ଫାଶୀ, ଅଶନ, ଧଉରା ଗଛର ଅଭାବକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ପ୍ରଶାସନ ଓ ବନଖଣ୍ଡ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତରେ ଚାରା ବଣ୍ଟନ କରାଯାଇଥିଲା ।

***Desk***

# ଯୁବ ଦକ୍ଷତା ବିକାଶ ଦିବସ

ଯୁବପିଢ଼ିଙ୍କ ବିକାଶରେ ଦକ୍ଷତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏନେଇ ପ୍ରତି ବର୍ଷ ଆଜିର ଦିନରେ ବିଶ୍ୱ ଯୁବଦକ୍ଷତା ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବସଶକ୍ତୀକରଣ'**। ୨୦୧୫ ମସିହାରୁ ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଆସୁଛି। ଦେଶର ବିଭିନ୍ନ ସ୍ଥାନରେ ଦକ୍ଷତା ବିକାଶ ସମ୍ପର୍କିତ କର୍ମଶାଳା, ପ୍ରଶିକ୍ଷଣ ଶିବିର ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ 'ଇଣ୍ଡିଆ ସ୍କିଲ୍ କମ୍ପିଟେସନ୍-୨୦୨୫-୨୬'ର ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶ୍ରୀ ସ୍ୱାଇଁ କହିଛନ୍ତି, ଯୁବଶକ୍ତି ହେଉଛନ୍ତି, ରାଜ୍ୟର ପ୍ରକୃତ ସମ୍ପଦ । ସରକାର ଓଡ଼ିଶାରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ।

*Desk*

# ପାଣିପାଗ

ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଉତ୍ତର ଓଡ଼ିଶା – ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଗାମୀ ଦୁଇଦିନ ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ପୁରୀ ଓ ଜଗତ୍‌ସିଂହପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ୨୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

******